





# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’



ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।

ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୁଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ୟୌସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଇଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଇଁଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଇଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଇଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ବିଲେଇ ଶାଳା



ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଫିନାଇଲ ବ୍ୟବହାର କରୁଛନ୍ତି କି ?



ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

# ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ିର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ପର୍ଯ୍ୟବେକ୍ଷକ ମହାନଗର

## ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୮୧ତମ ଜନ୍ମ ଜୟନ୍ତୀ ପାଳିତ

ଯାଜପୁର, : ସ୍ୱର୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୮୧ତମ ଜନ୍ମ ଜୟନ୍ତୀ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି । ଯାଜପୁର ବିଧାନସଭା ମଣ୍ଡଳୀରେ ନେତା ସୁଦାମ କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଉପସ୍ଥିତ ନେତା ... ସ୍ୱର୍ଗତ ରାଜୀବ ଗାନ୍ଧୀ କେବଳ ଭାରତ ବର୍ଷକୁ ନୁହେଁ ସମଗ୍ର ବିଶ୍ୱ ପାଇଁ ଏକ ଉଦାହରଣ, ତାଙ୍କର ଉଦ୍ୟମରେ ୧୮ ବର୍ଷରେ ଭୋଟ ଦାନ, ... ସୂଚନା ବିପ୍ଳବ ... ସେ ସର୍ବଦା ଜନମାନସରେ ଚିର ସ୍ମରଣୀୟ ହୋଇ ରହିଛନ୍ତି ... ପ୍ରତ୍ୟେକ ରାଜନୈତିକ ଦଳ ... ସମଗ୍ର ବିଶ୍ୱରେ ପ୍ରଥମ ସ୍ଥାନରେ ପରିଗଣିତ ହେବ ବୋଲି ମତ ଦେଇଥିଲେ । ଏହି ସଭାରେ ମୁଖ୍ୟତଃ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, ପି.ସି.ସି. ମୁଖପାତ୍ର ପଦ୍ମଲୋଚନ ... ଦଳିତ ସେଲ ସଭାପତି ... ଯାଜପୁର ବ୍ଲକ ସଭାପତି ... ପ୍ରମୁଖ ଯୋଗଦେଇ ଅଜନ ସହ ... ଜ୍ଞାପନ କରିଥିଲେ ।



## ଦନ୍ତା ହାତୀ ଆକ୍ରମଣରେ ଯୁବକ ମୃତ

ଭୁବନେଶ୍ୱର,(ପି.ଏନ): ... ଜିଲ୍ଲାକୁ ଚିନ୍ତା ବୃଦ୍ଧି ପାଇଛି । ଆଜି ... ଅଞ୍ଚଳରେ ... ଦନ୍ତା ହାତୀ ଆକ୍ରମଣ କରିବାରୁ ଘଟଣା ସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଛି । ମିଳିଥିବା ସୂଚନା ଅନୁସାରେ ... ହାତୀ ପଲ ... ସ୍ଥାନୀୟ ଲୋକେ ଏହି ହାତୀ ପଲକୁ ... ଦେଖିବା ପାଇଁ ଯାଇଥିଲେ । ... ଦେଖି ... ଗୋଡ଼ାଇ ଥିଲା । ... ପଦତଳେ ମାଡ଼ି ଦେଇ ଦେଇଥିଲା । ... ଘଟଣା ସ୍ଥଳ ରେ ... ମୃତ୍ୟୁ ଘଟିଛି । ତେବେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଦେଖା ଦେଇଛି ।





## ସୁବ୍ୟବସ୍ଥିତ ସମାଜ ପାଇଁ 'ମାତୃ ସମ୍ମିଳନ' ଏକ ବଳିଷ୍ଠ ପଦକ୍ଷେପ

ଭୁବନେଶ୍ୱର, : ପ୍ରଭୁ ଭୁବନେଶ୍ୱର ... ପରମାରାଧ୍ୟ ... ଶ୍ରୀ ଶ୍ରୀ ... ଜନ୍ମ ମାସ ପାଳନ ଅବସରରେ ଏକ ମାତୃ ସମ୍ମିଳନୀ ... ଗତ ୧୬.୦୮.୨୦୨୫ ରବିବାରରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାୟତଃ ୫୦୦ରୁ ଉର୍ଦ୍ଧ୍ୱ ମାଆମାନେ ଯୋଗଦାନ କରିଥିଲେ । ଉକ୍ତ ମାତୃ ସମ୍ମିଳନୀରେ ... ମାନଙ୍କ ଦ୍ୱାରା ପରିବେଷିତ ଭଜନ, କୀର୍ତ୍ତନ ଓ ... ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା । ... ଶ୍ରୀ ଶ୍ରୀ ଠାକୁରଙ୍କ ଦୃଷ୍ଟିରେ ସୁସ୍ଥ ସମାଜ ଗଠନ ପାଇଁ ... ବିଷୟରେ ଆଲୋକପାତ କରିଥିଲେ । ... ଏହି ମାତୃ ସମ୍ମିଳନୀ ସାଫଲ୍ୟ ... ପରିଚାଳିତ ହୋଇଥିଲା ।



## ଘର ଭାଙ୍ଗି ଧାନ, ଚାଉଳ ଖାଇଲେ ହାତୀ ପଲ

ଢେଙ୍କାନାଳ : ଢେଙ୍କାନାଳ ଜଙ୍ଗଲର ... ହାତୀ ପଲ ... ଘର ଭାଙ୍ଗି ... ଧାନ ଚାଉଳ ଖାଇଯାଇଛନ୍ତି ... ଅଭିଯୋଗ ହୋଇଛି । ... ଘରର କାନ୍ଥ ଭାଙ୍ଗି ... ବନ ବିଭାଗ ... ।



ହାତୀ ଦ୍ୱାରା ଘର ଭଙ୍ଗା ... ଦେଖାଯାଉଛି ।

## କାଳୀୟ ଦଳନ ବେଶରେ ଦର୍ଶନ ଦେଲେ ଶ୍ରୀଗୋପୀନାଥ

ନିମାପଡ଼ା : ଭାଦ୍ରବ ମାସ କୃଷ୍ଣ ଏକାଦଶୀ ତିଥିରେ ନିମାପଡ଼ାର ... ଶ୍ରୀଗୋପୀନାଥ ... କାଳୀୟ ଦଳନ ବେଶ ... ଅନୁଷ୍ଠିତ ହୋଇଯାଇଛି । ... ଭକ୍ତମାନେ ... ଦର୍ଶନ କରିଥିଲେ ।



## କେନ୍ଦ୍ରାପଡ଼ା ଗସ୍ତ କରଛନ୍ତି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡ଼ା ଗସ୍ତ କରିଛନ୍ତି ଓଡ଼ିଶା ସରକାରଙ୍କ ମାନ୍ୟବର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ରବିନାରାୟଣ ନାୟକ । ... ଦଳୀୟ କର୍ମୀ ... ।



## ଦୁଇ ବାଇକ ମୁହାଁମୁହିଁ ଧକ୍କାରେ ଦୁଇଜଣ ମୃତ୍ୟୁ, ଜଣେ ଗୁରୁତର

... : ... ଦୁଇଟି ବାଇକ ମୁହାଁମୁହିଁ ଧକ୍କା ... ଦୁଇଜଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି, ଜଣେ ଗୁରୁତର ... ।



## କୋରାପୁଟ ଗସ୍ତରେ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ

କୋରାପୁଟ : ... କୋରାପୁଟ ଜିଲ୍ଲା ଗସ୍ତ କରିଛନ୍ତି ରାଜ୍ୟ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ... ।



## ... ଆଣ୍ଟିବେଳ ... ସ୍ଥିତି ... ପ୍ରସ୍ତୁତି

... ।

## ଫ୍ଲିପକାର୍ଟରେ POCO M7 Plus 5G ବିକ୍ରୟ ଲାଇଭ୍ - ବିଗ୍ ବ୍ୟାଟେରୀ

ବଡ଼ ମନୋରଞ୍ଜନ, ବର୍ତ୍ତମାନ କେବଳ INR 12,999 * ରେ

ଭୁବନେଶ୍ୱର : ... ୨୦୨୫: ଭାରତର ... POCO ... POCO M7 Plus 5G ... ଫ୍ଲିପକାର୍ଟରେ ... 7000mAh ... 6.9"FHD + 144Hz ଡିସପ୍ଲେ ... 6s ... POCO M7 Plus 19 (th) ... HDFC, SBI, ଏବଂ ICICI ବ୍ୟାଙ୍କ ... POCO M7 Plus ... 144Hz ... 7000mAh Si-C ବ୍ୟାଟେରୀ ... generations + 4 ... POCO M7 ... POCO ବିଷୟରେ POCO "Made of MAD" (Minds, Attitude, and Determination) ...



# ସାହିତ୍ୟ ଦର୍ପଣ



## ରାଜନୀତି


ସୁଦର୍ଶନ ମହାପାତ୍ର

ଏମିତି ଏକ ଅଘଟଣ ଯାହା ଖାଲି ଏଇ ରାଜ୍ୟ ନୁହେଁ ସାରା ଦେଶକୁ ତାଜୁବ କରିଦେଇଥିଲା। ହେଲେ ଘଟଣା ପଛର ପ୍ରକୃତ କାରଣ ଜଣାପଡିବା ପରେ ହତୋତ୍ସାହିତ ହୋଇ ପଡ଼ିଥିଲେ ସମସ୍ତେ।

ଘଟଣାଟି ଥିଲା ଏମିତି।

ସେଦିନ ଗୋଟିଏ କଲେଜ ପରିସରରେ, ପ୍ରିନ୍ସପାଲଙ୍କ ଅଫିସ ସାମ୍ନାରେ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗେଇଥିଲା ଝିଅଟିଏ।ସେଇ ଘଟଣା ବିଜୁଳି ବେଗରେ ବ୍ୟାପି ଯାଇଥିଲା ଚ଼ାରିଆଡ଼ ?। ସୋସିଆଲ ମିଡିଆ,ଟିଭି ଚ୍ୟାନେଲମାନଙ୍କରେ ସ୍ୱ ?ଶାଲ ବୁଲେଟିନ ହୋଇ ପ୍ରସାରିତ ହେଉଥିଲା ସେଇ ଘଟଣାର ଝଲକ ।ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇଥିଲା ହେଡଲାଇନ ହୋଇ ପ୍ରମୁଖ ସମ୍ବାଦ ହିସାବରେ।

ଏମିତି ଏକ ଅଭାବନୀୟ ଘଟଣା ଘଟିଗଲା ସମସ୍ତଙ୍କ ଜ୍ଞାତସାରରେ ଅଥଚ଼ କେହି କିଛି କରିପାରିଲେ ନାହିଁ ଝିଅଟିର ପ୍ରାଣ ବଞ୍ଚାଇବା ପାଇଁ। ନିଜର ସ୍ୱାଭିମାନକୁ ଭୂଲୁଣ୍ଠିତ ନକରି ଝିଅଟି ବରଂ ଅଗ୍ନିସାତା ହେବାକୁ ଶ୍ରେୟସ୍କର ମନେକଲା! ଝିଅ ବୟସର ଛାତ୍ରୀ ଠାରୁ କୌଣସି ଗୁରୁ କେବେ କ'ଣ ମାଗିପାରେ ଅନ୍ତରଙ୍ଗ ମୁହୂର୍ତ୍ତ ? ସେ ବ୍ୟକ୍ତି କ'ଣ ଗୁରୁ ପଦବାଚ୍ୟ?

ସବୁଠୁ ବଡ଼କଥା ହେଲା ଏମିତି ଏକ ଚ଼ରମ ପଦକ୍ଷେପ ନେବା ପୂର୍ବରୁ ଝିଅଟି ଏଇ ସମ୍ବେଦନଶୀଳ ଘଟଣା ବିଷୟରେ ଜଣାଇଥିଲା ସମସ୍ତଙ୍କୁ।କଲେଜ ପ୍ରିନ୍ସପାଲଙ୍କ ଠାରୁ ଆରମ୍ଭ କରି ପୋଲିସ, ଶିକ୍ଷା ମନ୍ତ୍ରୀ, ସ୍ଥାନୀୟ ବିଧାୟକ, ସାଂସଦ ଆଦି ସମସ୍ତଙ୍କୁ। ଭେଟିଥିଲା ବି ସମସ୍ତଙ୍କୁ ନ୍ୟାୟ ପାଇବା ଆଶାରେ। ହେଲେ କେହି ତା କଥାକୁ ଆନ୍ତରିକତା ସହ ଗ୍ରହଣ କରିନଥିଲେ କିମ୍ବା ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା ତଥାକଥିତ ଯୌନ ପିପାସୁ ଅଧ୍ୟାପକଙ୍କ ବିପକ୍ଷରେ। ଘଟଣା ଦିନ ନ୍ୟାୟ ପାଇବା ଆଶାରେ ଝିଅଟି ଆଉଥରେ ଯାଇଥିଲା ପ୍ରିନ୍ସପାଲଙ୍କ ପାଖକୁ । ହେଲେ ସେଦିନ ବି ପ୍ରିନ୍ସପାଲ ଝିଅଟିକୁ ସବୁ କଥା ଭୁଲି ପାଠପଢ଼ା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଏତିକିରେ ଧୈର୍ଯ୍ୟଚ୍ୟୁତି ଘଟିଥିଲା ଝିଅଟିର। ଭୁଲି ଯାଇଥିଲା ବାପା ମାଆ ଙ୍କ ଉପଦେଶକୁ। ଅତଏବ ଘଟିଯାଇଥିଲା ସେଇ ଅନକାଂକ୍ଷିତ ଘଟଣାଟି। ଏ ଘଟଣାର ପରବର୍ତ୍ତୀ ଘଟଣା ବରଂ ବେଶି ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା। ରାଜନୀତିରେ ଖେଳି ଯାଇଥିଲା ଉଷ୍ମତା। ଆରୋପ ଏବଂ ପ୍ରତ୍ୟାରୋପରେ ଭରିଯାଇଥିଲା ସମ୍ବାଦପତ୍ର ପୃଷ୍ଠା।ଟି ଆର ପି ବଢେଇବା ଲକ୍ଷ୍ୟରେ ପ୍ରତିଯୋଗିତା ମୂଳକ ମନୋଭାବ ନେଇ ବିଭିନ୍ନ ତଥ୍ୟ ପରିବେଷଣ କରୁଥିଲେ ନ୍ୟୁଜ ଚ୍ୟାନେଲ ମାନେ। ଆତ୍ମାହୂତି ଦେବା ଆଗରୁ ଯେଉଁ ଟିଭି ଚ୍ୟାନେଲ ଆଗରେ ନିଜର କ୍ଷୋଭ ବଖାଣିଥିଲା ଝିଅଟି ଏବଂ ତାରି ଜରିଆରେ ନ୍ୟାୟ ଆଶା କରୁଥିଲା ସେତେବେଳେ କିନ୍ତୁ ଚୁପଚ଼ାପ୍ ରହିଥିବା ବେଳେ ଏବେ ଝିଅଟିର ମୃତ୍ୟୁପରେ ସେଇ ଚ଼୍ୟାନେଲ ଖୁବ୍ ତତ୍ପରତା ପ୍ରକାଶ କରୁଥିଲେ। ଝିଅକୁ ଉପଯୁକ୍ତ ନ୍ୟାୟ ପ୍ରଦାନ ବିଷୟରେ ବିଭିନ୍ନ ଦଳର ନେତା,ସାମ୍ବାଦିକ ଏବଂ ବୁଦ୍ଧିଜୀବୀମାନଙ୍କୁ ନେଇ ବିତର୍କର ଟେଲିକାଷ୍ଟ କରୁଥିଲେ।

କ୍ରିୟା ପ୍ରତିକ୍ରିୟାରେ ବାରି ହୋଇ ପଡୁଥିଲା ସମସ୍ତଙ୍କର ଆବେଗ। ସମସ୍ତେ ତତ୍ପର ହୋଇ ପଡିଲେ ଗୋଟିଏ ମୃତ ଶରୀରକୁ ନ୍ୟାୟ ଦେବାଲାଗି ।ଜୀବିତାବସ୍ଥାରେ ଯେଉଁମାନେ ମୂକ ବଧିର ପାଲଟିଯାଇଥିଲେ ସେମାନେ ଏବେ ଓଜସ୍ୱିନୀ ବକ୍ତୃତା ମାଧ୍ୟମରେ ପ୍ରକାଶ କରୁଥିଲେ ନିଜର ଉଦବେଗ ଏବଂ ନ୍ୟାୟ ପାଇଁ ସଂଗ୍ରାମ କରିବାକୁ ନିଜର ପ୍ରତିବଦ୍ଧତା ପ୍ରତି ନିଷ୍ଠାବାନ ଅଛନ୍ତି ବୋଲି ସୂଚ଼ିତ କରୁଥିଲେ। ଆମ ରାଜ୍ୟର ଶିକ୍ଷା ବ୍ୟବସ୍ଥା,ଶାସନ ଏବଂ ପ୍ରଶାସନର ବିକଳ ଅବସ୍ଥାର ଚ଼ିତ୍ର ଆଙ୍କିବାରେ ଲାଗି ପଡିଥିଲେ ବିରୋଧି ଦଳ ମାନେ।ଏ ସରକାର ଅନୁପଯୁକ୍ତ ଯାହା ପାଇଁ ରାଜ୍ୟର ଅସ୍ମିତା ଭୂଲୁଣ୍ଠିତ ବୋଲି ମନ୍ତବ୍ୟ ଦେଲେ ସେମାନେ।ଦାବି କଲେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଇତ୍ୟାଦିଙ୍କ ଇସ୍ତଫା..!

ହେଲେ ସେମିତି କିଛି ହେବାର ସମ୍ଭାବନା ନଥିଲା।ଶାସକ ଦଳ ମନେ ପକେଇ ଦେଲେ ଏବେକାର ବିରୋଧିଦଳଙ୍କୁ ଯେଉଁ ଦଳଙ୍କ ଶାସନକାଳରେ ମଧ୍ୟରେ ଘଟିଥିବା ଲୋମହର୍ଷଣକାରୀ କିଛି ଘଟଣାବଳୀ। ଅତଏବ ଏ ପରିପ୍ରେକ୍ଷୀରେ ବିରୋଧିଦଳ ଙ୍କର କିଛି କହିବାର ଅଧିକାର ନାହିଁ ବୋଲି ସୂଚେଇ ଦେଲେ। ଅପରନ୍ତୁ ସେଇ ଅସଭ୍ୟ ଅଧ୍ୟାପକ ଏବଂ ପ୍ରିନ୍ସପାଲଙ୍କ ସମ୍ପର୍କ ବିରୋଧିଦଳ ନେତାଙ୍କ ସହିତ ରହିଛି ବୋଲି ତଥ୍ୟ ସମ୍ବଳିତ ଆଲେଖ୍ୟ ପ୍ରକାଶିତ ବି ହେଲା ସମ୍ବାଦପତ୍ରରେ ଶାସକଦଳ ଦ୍ୱାରା।

ଖୁବ୍ ସରଗରମ ହେଉଥିଲା ବାଦାନୁବାଦ।

ଛକରେ, ବଜାରରେ, ବିଭିନ୍ନ ଅନୁଷ୍ଠାନମାନଙ୍କରେ ପ୍ରଧାନ ଆଲୋଚ଼୍ୟ ବିଷୟ ଥିଲା ଅଗ୍ନିସ୍ନାତା ଝିଅଟି ବିଷୟରେ।

ଜୀବିତ ଅବସ୍ଥାରେ ନହେଲେ ନାହିଁ ଏବେ ଝିଅଟିର ଆତ୍ମା କେମିତି ନ୍ୟାୟ ପାଇବ ସେଇ ଚ଼ିନ୍ତା ଘାରିଥିଲା ସଭ୍ୟସମାଜକୁ।

ଶେଷକୁ କଲେଜର ପ୍ରିନ୍ସପାଲ ଏବଂ ସେଇ ଅଧ୍ୟାପକଙ୍କୁ ଚ଼ାକିରି ରୁ ନିଲମ୍ବିତ କଲେ ସରକାର ଏବଂ ଦୁହିଁଙ୍କୁ ଜେଲ ଦଣ୍ଡାଦେଶ ଭୋଗିବାକୁ ସୁପାରିଶ କଲେ କର୍ତ୍ତୃପକ୍ଷ। ଏ ଖବର ଶିରୋନାମାରେ ରହିଲା ବେଳକୁ ସୋସିଆଲ ମିଡିଆରେ ଘୁରି ବୁଲୁଥିଲା ଆଉ ଏକ ଭିଡିଓ ସମ୍ବଳିତ ଖବର।

ଭିଡ଼ିଓ ଟି ଥିଲା ଝିଅଟି ଆତ୍ମହୂତି ଦେବା ସମୟର। ସିସିଟିଭି କ୍ୟାମେରାରେ ଉତ୍ତୋଳିତ ହୋଇଥିବା ଦୃଶ୍ୟ ସମସ୍ତଙ୍କୁ ତାଜୁବ କରିଦେଇଥିଲା। ଝିଅଟି ଦେହରେ ନିଆଁ ଲଗାଉଥିବା ବେଳେ କେହି ଜଣେ କିଛି ମିଟର ଦୂରରୁ ମୋବାଇଲରେ ଫଟୋ ଉଠାଉଥିଲା ଏବଂ ପରେ ସେ ହିଁ ଝିଅର ଉଦ୍ଧାରକର୍ତ୍ତା ଭୂମିକାରେ ଅବତୀର୍ଣ୍ଣ ହୋଇ ନିଆଁ ଲିଭାଇବାକୁ ଚେଷ୍ଟା କରୁଥିଲା। ଏଥର ବିରୋଧିଦଳ ପଡିଯାଇଥିଲେ ସେଇ ପିଲାଟି ପଛରେ ଯିଏ ଝିଅଟିକୁ ବିପଦରୁ ଉଦ୍ଧାର କରୁଥିବାବେଳେ ନିଜେ କିଛି ମାତ୍ରାରେ ପୋଡ଼ି ଯାଇଥିଲା।ହସ୍ପିଟାଲରୁ ଛାଡ ପାଇବା ମାତ୍ରେ ସେଇ ପିଲାଟିକୁ କ୍ରାଇମବ୍ରାଞ୍ଚ ଟିମ୍ ନିଜ ହେପାଜତକୁ ନେଇ ଯାଇଥିଲା। ହେଲେ ବିରୋଧିଦଳ ଏ ସୁଯୋଗକୁ ହାତଛଡ଼ା କରିବାକୁ ଚ଼ାହୁଁନଥିଲେ। ନିଜ ତରଫରୁ ଅନୁସନ୍ଧାନ କରି ଯେଉଁ ନିଷ୍କର୍ଷ ରେ ସେମାନେ ପହଞ୍ଚିଲେ ସାମ୍ବାଦିକ ସମ୍ମିଳନୀ ଡ଼କାଇ ରୋଚ଼କ ତଥ୍ୟ ଯୋଗାଇଦେଲେ ସରକାରଙ୍କୁ ପୁଣିଥରେ ହଲାପଟା କରିବାକୁ।

ନୂଆ ତଥ୍ୟଟି ଥିଲା ଏଇମିତି।

ଝିଅଟି ରାଜନୀତିରେ ରୁଚ଼ି ରଖିଥିଲା। ନିଜକୁ ପିଲାମାନଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରୁଥିଲା ଅବିରତ। ବିଭିନ୍ନ କାମରେ ପିଲାମାନଙ୍କୁ ସାହାଯ୍ୟ କରିବାକୁ ଆଗଭର ଥିଲା।କାରଣ ଆଗକୁ ଥିଲା କଲେଜ ଇଲେକ୍ସନ। ସେଇ ଝିଅଟି ସଭାପତି ପଦରେ ଲଢ଼ିବା ପାଇଁ ଇଚ୍ଛୁକ ଥିଲେ ଆଉ ତାଙ୍କରି ଗୋଷ୍ଠୀର ଜଣେ ସିନିଅର ମଧ୍ୟ ସେଇ ପଦ ପାଇଁ ଲବି କରୁଥିଲେ। ନିଜ ସଂଗଠନରୁ ସମର୍ଥନ ହାସଲ କରିବାକୁ ଆପ୍ରାଣ ଉଦ୍ୟମ କରୁଥିଲା ଝିଅଟି। ହେଲେ ନିଜେ ଅନୁଭବ କରୁଥିଲା ତା'ର ପ୍ରତିଦ୍ୱନ୍ଦ୍ୱି ଜଣଙ୍କର ଦବଦବା ବେଶି ରହିଛି ଉପରମହଲରେ। ବିରୋଧୀଙ୍କ ଏ କଥାରେ ଉତ୍ସାହିତ ହୋଇ ପଡିଲେ କିଛି ଛାତ୍ର। ସେମାନେ ମଧ୍ୟ ସୋସିଆଲ ମିଡିଆର ସାହାରା ନେଇ ଆଉ କିଛି ରୁଚ଼ିକର ଖବରରେ ଆପ୍ୟାୟିତ କଲେ ଲୋକଙ୍କୁ। ଖବର ଟି ଥିଲା ଏମିତି। ଛାତ୍ରଛାତ୍ରୀମାନଙ୍କ ଭିତରେ ଝିଅଟି ସେତେ ଗ୍ରହଣୀୟ ହେଉ ନଥିଲା। କାରଣ ଥିଲା ସେଇ ଝିଅଟିର କଲେଜ ବାହାରର ଗୋଟିଏ ପିଲା ସହିତ ଥିବା ସମ୍ପର୍କ ପାଇଁ। ସେଇ ପିଲା ସହିତ ତା'ର ମିଳାମିଶାକୁ ବାରଣ କରୁଥିଲେ ତାଙ୍କରି ଡିପାର୍ଟମେଣ୍ଟ ର ସେଇ ଅଧ୍ୟାପକ ଜଣଙ୍କ ଯାହାଙ୍କ ନାମରେ ଆରୋପ ଲଗାଇଥିଲା ଝିଅଟି।କ୍ଲାସ ବି କରୁନଥିଲା ରୀତିମତ। ଝିଅଟିର ବାପାଙ୍କୁ ଫୋନ୍ କରି ଜଣାଇଥିଲେ ସେଇ ଅଧ୍ୟାପକ।ଏସବୁ ବିଷୟରେ ପ୍ରିନ୍ସପାଲ ବି ଅବଗତ ଥିଲେ। ତେଣୁ ଝିଅଟି ଯେତେବେଳେ ଅଧ୍ୟାପକଙ୍କ ନାମରେ କୁତ୍ସାରଟନା କଲା ତା'ର ମନ୍ଦ ଉଦ୍ଦେଶ୍ୟକୁ ବୁଝି ପାରିଥିଲେ ପ୍ରିନ୍ସପାଲ ସାର୍। ତେଣୁ ଝିଅଟିକୁ ବୁଝାଇ ଭଲ ବାଟକୁ ଆଣିବାକୁ ଚେଷ୍ଟା କରୁଥିଲେ।

ଖାଲି ପ୍ରିନ୍ସପାଲ ନୁହଁନ୍ତି, ପୋଲିସ ଠାରୁ ଆରମ୍ଭ କରି ସାଂସଦ ପର୍ଯ୍ୟନ୍ତ ସବୁ କଥା ବୁଝି ଝିଅଟିର କଥାକୁ ଗୁରୁତ୍ୱ ଦେଇ ନଥିଲେ। ନିଜକୁ ବିଜ୍ଞାପିତ କରିବାକୁ ବହୁତ ଚେଷ୍ଟା କରିଥିଲା ଝିଅଟି। ଶେଷକୁ କୁତ୍ସିତ ଚ଼ିନ୍ତାଧାରାଟିଏ ଆପଣେଇଥିଲା ସେଦିନ। ସେଇ ଅନୁସାରେ ପେଟ୍ରୋଲ ଶିଶିଟିଏ ଆଣି ରଖିଥିଲା ବ୍ୟାଗ ଭିତରେ। ପ୍ରିନ୍ସପାଲଙ୍କ ଅଫିସରୁ ବାହାରିଲା ତ ଖାଲି ଅଭିନୟ କରି ଡରେଇବା ଉଦ୍ଦେଶ୍ୟରେ ଓଢଣୀରେ ପେଟ୍ରୋଲ ଢ଼ାଳି ନିଆଁ ଲଗେଇଥିଲା। ତା'ର ସେ ତଥାକଥିତ ପୁରୁଷ ବନ୍ଧୁକୁ କହିଥିଲା ମୋବାଇଲରେ ଭିଡିଓ କରିବାକୁ।

ଓଢଣୀରେ ନିଆଁ ଲଗେଇ ଅଫିସ ଭିତରକୁ ଯିବାକୁ ଚ଼ାହିଁଲା ତ ତାକୁ ସେଥିରୁ ନିବୃତ୍ତ କରାଇବାକୁ ଚେଷ୍ଟା କଲା ଦରୱାନ। ଦୁର୍ଭାଗ୍ୟ ବଶତଃ ଓଢ଼ଣୀରୁ ନିଆଁ ଖସି ଝିଅଟିର ସିନ୍‌ଥେଟିକ ଡ୍ରେସ୍ ରେ ଲାଗିଯାଇଥିଲା ସେତିକି ବେଳକୁ। ସେ ବାହାରି ଯାଇଥିଲା ଅଫିସ ପାଖରୁ ବାହାରକୁ।

ଏଇ ପ୍ରକାର ନୂଆ କାହାଣୀଟିଏ ଶୁଣିବାକୁ ମିଳିଥିଲା ଭିଡିଓ ପ୍ରଘଟରୁ।

କେତେକ ଲୋକ ବିରୋଧିଙ୍କ କଥା ଏବଂ ଝିଅର ମୃତ୍ୟୁ ପରେ ଘୁରି ବୁଲୁଥିବା ଭିଡିଓ କଥାକୁ ବିଶ୍ୱାସ କରୁଥିବା ବେଳେ ଆଉ କେତେକ ଏସବୁ ବେକାର କଥା ଏବଂ ଏସବୁ ଭିଡିଓର କୌଣସି ସତ୍ୟତା ନାହିଁ ବୋଲି ସଫେଇ ଦେଉଥିଲେ। ସବିଶେଷ ଖବର ଅନୁଯାୟୀ ଇତି ମଧ୍ୟରେ ସରକାର କିଛି ଅନୁକମ୍ପା ମୂଳକ ରାଶି ଝିଅଟିର ବାପାଙ୍କୁ ଦେଇଛନ୍ତି ଏବଂ ଝିଅର ବାପା ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜେଲରୁ ମୁକୁଳି ପ୍ରିନ୍ସପାଲ ଏବଂ ସେଇ ଅଧ୍ୟାପକ ଜଣଙ୍କ ବଦଳି ହୋଇ ଯାଇଛନ୍ତି ଅନ୍ୟ କଲେଜକୁ। ଇତି ମଧ୍ୟରେ ସବୁ କଲେଜରେ ଇଲେକ୍ସନ ପ୍ରକ୍ରିୟା ଆରମ୍ଭ ହୋଇ ଯାଇଥିବା ବେଳେ ସେହି ନିର୍ଦ୍ଦିଷ୍ଟ କଲେଜରେ ଇଲେକ୍ସନ ବନ୍ଦ କରିବାକୁ କଲେଜର କର୍ତ୍ତୃପକ୍ଷ ସୁପାରିଶ। କରିଛନ୍ତି।

ଝିଅଟିର ବାପା କହନ୍ତି –' ମୁଁ ତ ଆଉ ଫେରି ପାଇବିନି ମୋ ଝିଅକୁ। ଦୟାକରି ବନ୍ଦ କର ତାକୁ ନେଇ ତୁଚ୍ଛା ରାଜନୀତି !'

*କୁଞ୍ଜବିହାରୀ ଲେନ, କଟକ*

## ଶାନ୍ତି

*ଆଦ୍ୟାଶା ମହାପାତ୍ର*



ଜୟ ପରାଜୟର ପାର୍ବଣ ଭିତରେ
ଶାନ୍ତି ଗୋଟିଏ ମନ୍ତ୍ର
ଶତ୍ରୁତାର ଅନୁଭବ ଭିତରେ
ଶାନ୍ତି ଗୋଟିଏ ଅଲିଭ ପତ୍ରର ସାନ୍ନିଧ
ବିଶ୍ୱାସ ଅବିଶ୍ୱାସର
ଲୁଚ଼କାଳି ଖେଳ ଭିତରେ
ଶାନ୍ତି ଏକ ଶୃଙ୍ଖଳାର ଚ଼ିତ୍ର
ହାହାକାର ଭିତରେ
ଶାନ୍ତି ଏକ ଗୁଞ୍ଜରିତ ସ୍ତୋତ୍ର

ଏଇ ଦୁନିଆରେ
କିଛି ତିକ୍ତତା ପାଶୋରିବାକୁ
ଶାନ୍ତି ଗୋଟିଏ ବଞ୍ଚିବାର ମାର୍ଗ
ସଂହତି, ସହବାସ୍ଥାନ, ବୁଝାମଣାର
ଶାନ୍ତି ଏକ ସାତ୍ତ୍ୱିକ ଅବଲମ୍ବନ
ଜୀବନ ଓ ଜିଜୀବିଷାର
ଶାସ୍ତ୍ର ପାଠ କରିବାକୁ
ଶାନ୍ତି ଏକ ସାତ୍ତ୍ୱିକ ଅବଲମ୍ବନ

ଯୁଦ୍ଧ ପରର ଶାନ୍ତି ଏବଂ
ଯୁଦ୍ଧ ବ୍ୟତିରେକ ଶାନ୍ତି ଭିତରେ
ପାର୍ଥକ୍ୟ ଅନେକ
ଗୋଟିକରେ
ଅହଂକାରର ଫୁତ୍କାରରେ
ବିବଶ ଧରଣୀ ତ
ଅନ୍ୟଟିରେ
ଅହିଂସାର ପୌରହିତ୍ୟରେ
ଅଭିମନ୍ତ୍ରିତ ଓଁକାର ଧ୍ୱନି
କାମନାର ବିନାଶରେ ଦୁଃଖ ବିନାଶ ର
କାଳଜୟୀ କାହାଣୀ...!!!

*ନୂଆପଡା, କଟକ*

## ଭଗ୍ନ ହୃଦୟ

*ସୁଧାକର ରାଉତ*



ସମୟ ଅଦିନ ସ୍ରୋତେ ସ୍ମୃତି ସବୁ
ଗଲାଭାସି ବହୁ ଦୂରେ
ଠିଆ ହୋଇ ତଟେ ଚ଼ାହିଁବାଟା ସାର
ତା ବିନା କି କରି ପାରେ ।
ଶେଷ ସନ୍ତକ ସେ ଥିଲା ଅତୀତର
ଏ କଥାକୁ ରଖି ଧ୍ୟାନେ
ଆଦର ଯତ୍ନରେ ସାଇତି ଥିଲି ମୁଁ
ରୋମନ୍ଥନ କରି ମନେ ।
ହୃଦଭରା ପ୍ରୀତି ଢ଼ାଳିଥିଲି ତହିଁ
କି ମଧୁର ଥିଲା ସତେ
ଅନ୍ତରର ଗୀତି ଥିଲା ସିଏ ଦୁଃଖେ
ତା ବିନା ମୋ ଦିନ ବିତେ ।
ଆଶାର ବାରି ମୋ ଅସାର ହୋଇଲା
ସମୟତ ଦେଲା କାଳି
ବିନା ବଜ୍ରାଘାତେ ମନ ଶୁଷ୍କ ଦ୍ରୁମ
ଅକାରଣେ ଗଲା ଜଳି ।
ଅତୀତର ସେହି ସିନିହ ଶିରୀରେ
ଶିହରୁ ଥିଲି ମୁଁ ନିତି
ଜୀବନ ମଧୁଶାଳା ରେ ପୂର୍ଣ୍ଣପାତ୍ରୁ
ପାନେ ଦିନ ଗଲା ବିତି ।
ଅବଶେଷେ ଜୀବନ ପାତ୍ରକୁ ଶୂନ୍ୟ
କରି ସ୍ମୃତି ଗଲା ହଜି
ଅଶ୍ରୁ କାତର ମନଟି ମୋହର
ପାଉନି ତ ତାକୁ ଖୋଜି ।
ସମାଜ-ନେପଥ୍ୟେ ନିନ୍ଦା ଅପବାଦ
ତା ଯୋଗୁ ଥିଲି ମୁଁ ସହି
ତଥାପି ବେଦନା କାତର ମନରେ
ସାଥି ଏକା ଥିଲା ସେହି ।
ଭଗ୍ନ ହୃଦୟେ କୁହ ହେ ସମୟ
ତର୍ପଣ କରିବି କିଆଁ
ଆକୁଳତା ରାଶି ବଳି ପଡେ ଏବେ
ଲଗାଇଲୁ ଯେଉଁ ନିଆଁ ।

*ପ୍ରତାପ ନଗରୀ, କଟକ*
*ମୋ:୮୨୪୯୯୩୨୭୯୨*

## କୌଶଳ

*ଚନ୍ଦ୍ରକାନ୍ତି ମିଶ୍ର*



ଦେଶକୁ ବଦଳେଇ ହୁଏନା
ଏତେ ସ ?ହଜରେ
ବଦଳେଇ ହୁଏନା ଜନମାନସ
ସୂତ୍ରାନୁସାରେ
ତୁମେ ଶ୍ରଦ୍ଧା ଅନୁରାଗରେ
ଯାହାକୁ ଆପଣେଇ ନେବ
ସେ ବିସ୍ୱ ?ଟକ ହୋଇ
ଭାଙ୍ଗି ଦେଇପାରେ
ତୁମ ଦମ୍ଭର ପ୍ରାଚ଼ୀର
ତୁମ ପାଇଁ ଖଞ୍ଜି ଦେଇପାରେ
ଚ଼ାତୁର୍ଯ୍ୟର ଚୋରାବାଲି ଅବା,
ଖେଳାଇ ଦେଇପାରେ
ବିଷାକ୍ତ ଜହର
ଅଶାନ୍ତି ଓ ଆକ୍ରୋଶର ଧୂଆଁରେ
ଆକ୍ତାମାକ୍ତା ହୋଇପାରେ
ତୁମ ହୃଦୟ
ଛଳନାର ପଶାପାଲିରେ
ତୁମେ ହାରିଯାଇପାର ବାରମ୍ବାର
ତଥାପି
ମାନବିକତା ବିକିଦିଅ ନାହିଁ
ହେ ଜ୍ଞାନୀ ଜନ...!
ଇତିହାସରୁ ସାଉଁଟି ଆଣ
ତୁମ ପୂର୍ବଜଙ୍କ ପରାକ୍ରମ
ମାଟି ମାଆର ସମ୍ମାନ ପାଇଁ
ପ୍ରତିବାଦର ଅସ୍ତ୍ରଟିଏ ଧର
ଦେଖିବ ତୁମ ପଛରେ
ଠିଆ ହୋଇଥିବେ
ସର୍ବଶକ୍ତିମାନ ଈଶ୍ୱର
ଯିଏ ତୁମକୁ ଶିଖାଇଦେବେ
ଜିତିବାର କୌଶଳ
ବଦଳେଇ ଦେବେ
କୁତ୍ସିତ ମାନସିକତାର ଖେଳ...!

*ଆଳି, କେନ୍ଦ୍ରାପଡା*

## ସେଇ ଶ୍ରାବଣ

*କବିରତ୍ନ ନୂତନ କୁମାର ବେହେରା*



ତୁମ ଦେହେ ଲୁଚ଼କାଳି
ଖେଳେ ଚ଼ଇତାଳି
ଓଠରେ ତୁମର ଶ୍ରାବଣର ବର୍ଣ୍ଣାଳି ।
ଚ଼ାଲିରେ ତୁମର ମୋହର
 ପାଖୁଡା ପଡେ ବଳି
ଆଉ ମୁଖରେ ଉଷାର ଈଷତ ଲାଲିମା
କିଏ ସତେ ଦେଇଥିଲା ବୋଲି ।
ସକଳ ସୌନ୍ଦର୍ଯ୍ୟର
କୁସୁମିତ ଲତାଟିଏ ଥିଲ ତୁମେ
ଅପ୍ସରୀଟିଏ ମରତ ଭୂମେ ।
ମାତ୍ର ଚ଼ରମ ଅହଙ୍କାରେ
ସ୍ୱପ୍ନର ପରାଗରେଣୁ ଅକାଳରେ ହଜି
ବର୍ତ୍ତମାନ ଗଲା କଳଙ୍କରେ ଭିଜି ।
ସୌନ୍ଦର୍ଯ୍ୟର ମହକ
ନିତି ମରେ ନିତି ବଞ୍ଚ ?
କାଳିମା ନିଦାଘରେ ସିଝି ।
ଏବେ ସେ ହାହତୋସ୍ମିରେ
ପିଟୁଅଛି ମଥା
ଜୀବନ ତଟରେ
ନୀଳ ଉର୍ମି ପରି ।
ଅଦିନିଆ ବତାସଟା ଆସି
ଦେଲା ତଡଲା ଅହମିକା କୁ
କିଛି କ୍ଷଣେ ନାଶି ।
ନିଃସ୍ୱ ପରାଣ
ଝଡି ପୋକ ସମଝଡ଼ିଗଲା
ସମୟର ଆଷାଢ଼ ବାରିଧାରେ
ଏବେ ନିଃସଙ୍ଗତା ସାଥି ତୁମ ।

*ପ୍ରତାପ ନଗରୀ, କଟକ*
*ମୋ:୮୨୪୯୯୩୨୭୯୨*

## ନାରୀ ନୁହେଁ ସେ ନାରାୟଣୀ


ନିରଞ୍ଜନ ସାହୁ

ନାରୀ ଯେ ଅବଳା ଦୁର୍ବଳା ନୁହଁଇ
ଏକଥା ମନରେ ଆଣ
ନାରୀ ନାରାୟଣୀ ସ୍ୱରୂପା ଅଟଇ
ଏକଥା ଭଲକି ଜାଣ ।
ନାରୀର ଚ଼ାରୋଟି ରୂପ ଏ ସଂସାରେ
ସମସ୍ତେ ଜାଣନ୍ତି ଯାହା
ଜନନୀ, ଭଗିନୀ, ଜାୟା, କନ୍ୟା ରୂପେ
ଲୋକେ ପରିଚ଼ିତ ତାହା
ମାତୃଶକ୍ତି ରୂପେ ବିରାଜିତା ନାରୀ
ସର୍ବଦା ରଖେ ତା ଟାଣ ।
ସନ୍ତାନ ବତ୍ସଳା , ସ୍ୱାମୀ ସୋହାଗିନୀ
କରେ ପରିବାର ସେବା
ବିଭିନ୍ନ କ୍ଷେତ୍ରରେ ନିପୁଣା ଅଟଇ
କେଉଁ ପଟାନ୍ତର ଦେବା
କୋମଳ ହୃଦୟା କରଇ ସୁଦୟା
ପଡ଼ିଲେ ସାମାନ୍ୟ ରାଣ ।
ବୀରାଙ୍ଗନା ସାଜି ଶତ୍ରୁ ସହିତରେ
ସମ୍ମୁଖ ସଂଗ୍ରାମେ ଲଢେ
ରଣକ୍ଷେତ୍ରେ ପଛଘୁଞ୍ଚା ନ ଦେଇକି
ଆଗକୁ ଆଗକୁ ବଢେ
ମରିବ ନହେଲେ ମାରିବ ସେ ନିଶ୍ଚ ?
ଅସ୍ତ୍ରରେ ଦେଇଛି ଶାଣ ।
ଶକ୍ତିପୀଠେ ମାତୃଶକ୍ତି ଆରାଧନା
ସଂସାର ମଙ୍ଗଳ ପାଇଁ
ସେହି ନାରୀ ଆଜି ନିର୍ଯାତନା ଭୋଗେ
ରକ୍ଷାକରେ କିଏ ଧାଇଁ
ଏ ସମାଜ ବରଂ ଦେଖେଇ ଦେଖେଇ
ମାରଇ କଟାକ୍ଷ ବାଣ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ*
*ମୋ : ୯୯୩୮୭୪୧୫୮୩*

## ନୂଆଁଖାଇ ପର୍ବ


ଜଗନ୍ନୀବନ ସା

ଯୁଗ ଯୁଗରୁ ଓଡ଼ିଶାର ପ୍ରାଚ଼ୀନ ସଂସ୍କୃତି ଓ ପରମ୍ପରାକୁ ନେଇ ବିଭିନ୍ନ ପର୍ବପର୍ବା।ଣୀ ପାଳନ କରାଯାଇ ଆସୁଅଛି। ଏହି ପର୍ବପର୍ବାଣୀ ମାନବ ସମାଜର ଚ଼ାଲିଚ଼ଳନିର ଅନ୍ୟତମ ଅଙ୍ଗ କହିଲେ ଅତ୍ୟୁକ୍ତି ହେବନାହିଁ। ନୂଆଁଖାଇ ହେଉଛି ଏକ ମୁଖ୍ୟ ପର୍ବ। ଯାହା କୃଷକ ଅମଳ କରି ପ୍ରଥମ ଉତ୍ପାଦନ ହୋଇଥିବା ଫସଲ ନିଜ ଦେବାଦେବୀଙ୍କୁ ପ୍ରଦାନ କରି ନିଜେ ଭକ୍ଷଣ କରିଥାଏ। ଏହା ସ୍ନେହ, ପ୍ରେମ, ଆଦର ଓ ବନ୍ଧୁତ୍ୱର ପର୍ବ। ଏହି ପର୍ବ ଭାତୃତ୍ୱ ଭାବ, ବନ୍ଧୁତ୍ୱ ଭାବ, ଶତ୍ରୁତା ଦୂର କରି ମିତ୍ରତା ଭାବ, ସୁସମ୍ପର୍କ ସ୍ଥାପନ କରିବା ମୁଖ୍ୟ ବୈଶିଷ୍ଟ୍ୟ। ଏହି ପର୍ବ ପୁଣି ଗାଁ ପ୍ରୀତି, ଭିଟାମାଟି ସ୍ନେହ ଉଦ୍‌ରେକ କରିଥାଏ। ଯେତେବେଳେ ମଣିଷ ନିଜ ଗାଁ ଭୂମିକୁ ଛାଡ଼ି ଦେଶ ବିଦେଶକୁ ଯାଇ ନିଜର ପେଟ ପୋଷିବା ସକାଶେ କର୍ମ ପାଇଁ ଯାଇଥାନ୍ତି। ସେମାନେ ଏହି ଦିନ ଫେରି ଆସି ନିଜ ପରିବାର ଲୋକଙ୍କ ସହ ଗାଁ ଭାଇ ଭଉଣୀମାନଙ୍କ ସହ ମିଶି ଏକତ୍ରିତ ହୋଇଥାନ୍ତି। ବର୍ଷକୁ ବାରମାସରେ ତେର ପର୍ବ ପାଳିତ ହୋଇଥାଏ। ନୂଆଁଖାଇ ହେଉଛି ଇଷ୍ଟ ଦେବା ଦେବୀଙ୍କୁ ବର୍ଷର ପ୍ରଥମ ଅନ୍ନ ସମର୍ପଣ କରି ଖାଇବା ପର୍ବ। ଭାଦ୍ରବ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ନୂଆଁ ଖାଇ ପର୍ବ ପାଳନ କରାଯାଇଥାଏ।ଏହାର ପୂର୍ବ ଦିନ ବିଘ୍ନ ବିନାଶକ ଓ ବିଦ୍ୟାଦାତା ଶ୍ରୀ ଗଣେଶଙ୍କ ପୂଜା ଉତ୍ସବ ପାଳନ କରାଯାଇଥାଏ। ନୂଆଁଖାଇ ପର୍ବ ମାଆ ବସୁମତୀଙ୍କୁ କୃତଜ୍ଞ ଜ୍ଞାପନ କରିବା ସକାଶେ ବର୍ଷର ପ୍ରଥମ ଫସଲ ନୂଆ ଧାନ କେଣ୍ଡା ଓ ନୂଆ ଚୁଡ଼ା ଏକ ନୂଆ ହାଣ୍ଡିରେ ଭୋଗ କରାଯାଇ ଘରର ଇଷ୍ଟ ଦେବୀ ଓ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଏ। ନୂଆଁଖାଇ ପର୍ବ ପାଳନ ସକାଶେ ଘରର ମାଆ, କୂଳବଧୂ, ଭୁଆସୁଣୀ ଝିଅମାନେ ନିଜ ଘରର ଦାଣ୍ଡପିଣ୍ଡା , ଅଗଣା, କାନ୍ଥବାଡ଼ ଆଦି ଲିପାପୋଛା କରିଥାନ୍ତି। ଘରରେ ଥିବା କପଡା, ଲୁଗାପଟା, ବାସନକୁସନ ସଫା ସୁତୁରା କରିଥାନ୍ତି। ନିଜ ଘରେ ଥିବା ଗାଡ଼ି ମଟର ଯାନବାହାନାକୁ ମଧ୍ଯ ସଫା କରାଯାଇଥାଏ। ଘରେ ବ୍ୟବହୃତ ଖଟ, ପିଢ଼ା, ଡାଲାକୁଲା,ବିଛଣା ପତ୍ର, ଡବାଡବି ଆଦି ସଫା କରି ସଜାଇ ରଖନ୍ତି। ଗାଁ,ସହର, ପୁରପଲ୍ଲୀରେ ହାଟ ବଜାର କିଣାବିକାରେ ଲୋକମାନଙ୍କ ଭିଡ ଲାଗିଥାଏ। ମିଠା ଓ ପିଠାପଣା ପାଇଁ ଅରୁଆ ଚ଼ାଉଳ, ନଡ଼ିଆ, ଘିଅ, ଗୁଡ଼ ଯୋଗାଡ କରାଯାଏ। ପୂଜା ପାଇଁ ଧୂପ, ଦୀପ, ଚ଼ନ୍ଦନ, ବସ୍ତ୍ର ଓ ପରିଧାନ ପାଇଁ ନୂଆ କିଣାକିଣିରେ ଗହଳ ଚ଼ହଳ ଲାଗିରହେ। ନୂଆଁଖାଇ ଆଗରୁ ପୁଣି କମାରମାନଙ୍କର ମାଟି ହାଣ୍ଡି ବନାଇବା ତଥା କୁଲା ଟୁପା ବନାଇବା ଲାଗି କାରିଗରମାନଙ୍କର କଳା କୌଶଳ ବିକାଶ ଲାଭ କରିଥାଏ। ଏଥିରେ ପ୍ରାଚ଼ୀନ କଳା କୌଶଳରେ ତିଆରି ଜିନିଷ ପତ୍ର ବଜାରରେ ଦେଖିବାକୁ ମିଳିଥାଏ। ପୁଣି ଶ୍ରୀ ଗଣେଶ ପୂଜା ପାଇଁ ଭାଦ୍ରବ ଶୁକ୍ଳପକ୍ଷ ଚ଼ତୁର୍ଥୀ ଦିନ ମୂର୍ତ୍ତି କଳାକାରମାନେ ନିଜେ କିଛି ରୋଜଗାର କରିବା ପାଇଁ ପ୍ରଭୁ ଗଣେଶଙ୍କ ମୂର୍ତ୍ତିର ଦୋକାନ ଖୋଲିଥାନ୍ତି। ଯାହା ଫଳରେ କୃଷକ ନିଜ ପରିଶ୍ରମର ଫଳ ଆକଳନ କରିଥିବା ବେଳେ କାରିଗରମାନେ ନିଜର କଳା କୋଶଳ ପ୍ରଦର୍ଶନ କରି କିଛି ରୋଜଗାର କରିଥାନ୍ତି। ଏହିପରି ଭାବରେ ମାନବ ସମାଜର କଳା କୌଶଳ ସହ ଆନନ୍ଦ ମହୋତ୍ସବ ଭାବରେ ନୂଆଁଖାଇ ପରବ ପାଳିତ ହୋଇଥାଏ। ନୂଆଁଖାଇ ଦିନ ପରିବାର ମୁଖିଆ ନିଜର ପୂଜା ବିଧି କାର୍ଯ୍ୟ ପାଇଁ ନୂଆଁ ଧାନ ନୂଆ ଚୁଡ଼ା ସଂଗ୍ରହ କରି ଥିବା ବେଳେ କୂଳ ଭୁଆସୁଣୀ ଅବା ମାଆମାନେ ରାତ୍ରିଯାକ ସମସ୍ତ କାର୍ଯ୍ୟ ସାରି ସକାଳ ଭୋର ଚ଼ାରିଟାରୁ ଉଠି ଲୋକଙ୍କ ମୁଖ ନ ଦେଖା ପୂର୍ବରୁ ନୂଆ ମାଠିଆରେ ନିକଟସ୍ଥ ନଳକୂପ, କୂଅ, ପୋଖରୀ ଅବା ନଦୀରୁ ପାଣି ଆଣିଥାନ୍ତି। ଯାହାକି ନିଜ ପିତୃ ପୁରୁଷଙ୍କ ପିଣ୍ଡ ଦାନ ତଥା ଅନ୍ୟାନ୍ୟ ପୂଜା କାର୍ଯ୍ୟରେ ବ୍ୟବହାର କରିଥାନ୍ତି। ମାଁ ମହାଲକ୍ଷ୍ମୀ ପୂଜା କରିବା ପୂର୍ବରୁ ନୂଆ ଧାନ କେଣ୍ଡା ସହ ଗୋରସ, ଧୂପ, ଦୀପ ପଞ୍ଚାମୃତ ଧରି ନିକଟସ୍ଥ ନଦୀକୂଳ ଅବା ପୋଖରୀତୁଠକୁ ଯାଇ ନିଜ ବଂଶ ଭାଇ ଏକତ୍ରିତ ହୋଇ ସ୍ନାନ କରି ପିତୃ ପୂଜା କରିବା ବିଧି ଆଜି ଯାଏଁ ବଳବତ୍ତର ରହିଛି। ପୁଣି ସେମାନେ ଫେରି ଗାଁର ମୁଖିଆ କିମ୍ବା ବଂଶର ବଡ ଭାଇ ଘରରେ ନିଜର ବଂଶ ଦେବାଦେବୀଙ୍କୁ ପୂଜା କରି ମାଆ ଲକ୍ଷ୍ମୀଙ୍କୁ ପୂଜା କରି ସମସ୍ତେ ଏକାଠି ବସି ପୂଜା କରାଯାଇଥିବା ନୂଆ ଧାନ ଚୁଡ଼ା ବାଣ୍ଟି ପ୍ରସାଦ ରୂପରେ ଖାଇ ସାରିବା ପରେ ନୂଆଁ ବେଶ ପୋଷାକରେ ଗାଁ ଖୋଲି ବୁଲି ବୁଲି ସାନମାନେ ବଡ ଲୋକଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ କାମନା କରିଥାନ୍ତି ଓ ପରସ୍ପର ମଧ୍ୟରେ ଜୁହାର ହୋଇଥାନ୍ତି , ଏହାକୁ ଜୁହାର ଭେଟ ବୋଲି କୁହାଯାଏ।ବୁଢ଼ା ବୁଢ଼ୀମାନେ କହିଥାନ୍ତି, 'ମାନେର ଜୀବନ ପାଣିର ଫୁଟକା ଆଜି ଅଛୁ କାଲିକୁ ନାହିଁ , ବଞ୍ଚିଥିଲେ ଆର ବରଷକେ ଦେଖା ହେମାଁ '। ସେଥିପାଇଁ କୁହାଯାଏ ଏହି ପର୍ବକୁ ଧନୀ ଓ ଗରୀବ, ଜାତି ଅଜାତି, ଉଚ଼୍ଚ଼ ନୀଚ଼ ଭେଦ ଭାବ ଶୂନ୍ୟରେ ସମସ୍ତେ ଏକତ୍ରିତ ପର୍ବ ନୂଆଁଖାଇ। ଏଥିରେ ସମସ୍ତେ ରାଗ ରୋଷ, ଶତ୍ରୁ ମିତ୍ର, ମାନ ଅଭିମାନକୁ ଭୁଲି ଯାଇ ସମସ୍ତେ ଏକାଠି ହୋଇ ଏହି ପର୍ବ ପାଳନ କରାଯାଇଥାଏ।

ନୂଆଁଖାଇ ଏକ ସାମାଜିକ କୃଷି ଭିତ୍ତିକ ପର୍ବ। ଏହି ପର୍ବ ମାନବିକତାକୁ ଦୃଷ୍ଟିରେ ରଖି ଆଦର୍ଶ, ନୈତିକତା ଗୁଣ ବିକାଶ କରିଥାଏ। ଏହି ପର୍ବ ଆମ ସମାଜର ଜନମଙ୍ଗଳକାରୀ ପର୍ବ। ଘରେ ପୂଜା ବିଧି ସରିଲା ପରେ ନୂଆଁ ବସ୍ତ୍ର ନୂଆଁ ପୋଷାକ ପିନ୍ଧି ଗାଁର ସମସ୍ତଙ୍କ ଜୁହାର ଭେଟ ହୋଇଥାନ୍ତି। ଗାଁ ସହରମାନଙ୍କରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ- ଯଥା ଘୁମୁରା, ଡାଲଖାଇ ନୃତ୍ୟ, ନାଟକ, ମଟକି ଫଟା, ଲୋକ ନୃତ୍ୟ ସମେତ ବିଭିନ୍ନ ସଙ୍ଗୀତ କାର୍ଯକ୍ରମ କରାଯାଇଥାଏ ।ଏହି ପର୍ବ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ମାନବିକତା ଓ ଭ୍ରାତୃତ୍ୱ ଭାବନା ସୃଷ୍ଟି କରିଥାଏ। ସମସ୍ତଙ୍କ ମନରେ ବାଦ- ବିବାଦ, ମାନ - ଅଭିମାନ ଅପସରି ଯାଇଥାଏ। ଆମର ବ୍ୟକ୍ତିଗତ ସାମାଜିକ ଜୀବନ ସଦ୍ ଭାବନାରେ ପୂରି ଉଠେ। ଆମର ଧର୍ମ, ସଂସ୍କୃତି ଓ ପରମ୍ପରାକୁ ଠିକ ବାଟରେ ପରିଚ଼ାଳିତ କରିବାରେ ଏହା ବିଶେଷ ସହାୟକ ହୁଏ। ତା ' ପର ଦିନ ଗାଁର ସମସ୍ତେ ଏକତ୍ରିତ ହୋଇ ଆମିଷ ଭୋଜନ କରିଥାନ୍ତି। ଏହି ଦିନକୁ ନୂଆଁଖାଇ ବାସି ବୋଲି କୁହାଯାଏ।

*କୁମ୍ଭାରୀ, ଗୋଲାମୁଣ୍ଡା*
*କଳାହାଣ୍ଡି*
*ମୋ -୮୦୧୮୫୩୭୨୮୮*

## ନୀରବତାର ଶବ୍ଦ


ସୁଚ଼ରିତା ମହାନ୍ତି

ବାରମ୍ବାର କଡ଼ ଲେଉଟାଉ ଥାଏ ।
ଆଖିକୁ ନିଦ ଆସୁନି ।ମିଟିମିଟି
ଅନ୍ଧାର।ତୁହାକୁ ତୁହା ବର୍ଷା।ମଝିରେ
ମଝିରେ ଘଡ଼ଘଡ଼ିର ପ୍ରଚ଼ଣ୍ଡ ଶବ୍ଦରେ
ଘର କାନ୍ଥ ଦୋହଲି ଯାଉଥାଏ।
କ'ଣ କରିବ କିଛି ବୁଝି ପାରୁନଥିଲା
ସୁମି ।
ଡିମା ଡିମା ଆଖି କରି ଉପରକୁ ଅନେଇ
ରହିଥାଏ କେତେବେଳେ ତା' ବାପା
ସହରରୁ ଫେରି ଡାକ ପକେଇବ,ସୁମି
ଦରଜା ଖୋଲ ।
କେମିତି ଆସିବ ସହରରୁ !ଏ ନିଆଁ
ଲଗା ବର୍ଷାର ବିତିପାତ କ'ଣ ଥୟ
ହେଉଛି।
ରାତି ବଢ଼ିବା ସାଙ୍ଗକୁ ତା'ର ଚ଼ିନ୍ତା
ସେତିକି ବଢୁଛି।
କିଏ ପାଖରେ ଅଛି ଯେ,ଡାକିବ ।
କ'ଣ କରିବ ମୁଣ୍ଡକୁ କିଛି ପଶୁ ନଥାଏ।
ବାପା ନାହିଁ କରି ଯାଇଛି, ଏକୁଟିଆ
କୁଆଡ଼ ? ଯିବୁନି।
ବଢ଼ିଲା ଝିଅ, କେତେବେଳେ କେଉଁ
କଥା।
ସୁମି କହିଛି,ନା ବାପା ତମେ ଆସି
ନଡାକିବା ଯାଏ ମୁଁ କୁଆଡ଼ ? ଯିବିନି
କି ଘରୁ ବାହାରିବିନି ।ଆଉ କେଇଟା
ଦିନ ପରେ ବାହାଘର।
ସବୁ ବ୍ୟବସ୍ଥା ନକଲେ କ'ଣ ହେବ ।
ଘରକୁ ଏକୁଟିଆ ଲୋକ।
ମା' ମରିବା ଦିନରୁ ବାପା ଝିଅ ଦୁହେଁ
ଦୁହିଁଙ୍କ ପାଇଁ ବଞ୍ଚି ରହିବା କଥା।
ହଠାତ୍ ଝଞ୍ଜିର ଖଡ଼ ଖଡ଼ ଶୁଭିଲା।ସୁମି
ପଚ଼ାରିଲା ବାପା ଆସିଲଣି।
ହେଉ ରୁହ ମୁଁ ଦରଜା ଖୋଲୁଛି।
ସୁମି ଦରଜା ଖୋଲିଦେଲା ।
ତା'ପରେ ସୁମି !! ଧୀରେ ଧୀରେ
ବର୍ଷା ଥମି ଆସୁଥାଏ।
ପୁଣି ଡାକ ଶୁଭିଲା,ସୁମି ଦରଜା ଖୋଲ।
ବାପ୍ ରେ ବାପ୍ କି ବର୍ଷା।
ନେ ଜିନିଷ ଗୁଡ଼ିକ ଘରେ ସଜାଡ଼ି
ରଖେ।
ମୋତେ ଗିଲାସେ ପାଣି ଦେଲୁ
ଭୋକରେ ମୋ ପ୍ରାଣ ଗଲାଣି।
ପାଣି ପି' ସାରି ଲୁଗାପଟା ବଦଳେଇଲେ
କ'ଣ ଗଣ୍ଡେ ଖାଇବି ।
ସୁମି ତୁ ଖାଇଛୁ ନା ମୋ ପାଇଁ
ଉପାସରେ ଅଛୁ ।
ମୋତେ ଜଗିଜଗି ତୁ ଖାଇନଥିବୁ ପରା
ମୁଁ ଜାଣିଛି।
ମା'ର ଗୁଣ ସବୁ ରଖିଛୁ ।ସେମିତି ସେ
ନଖାଇ ମୁଁ ନଫେରିବା ଯାକେ ଅନେଇ
ରହିଥିବ ।
ଏତେ କଥା ପରେ ବି ଘର ଭିତରୁ
କେବଳ ନୀରବତାର ଶବ୍ଦ ଶୁଭୁଥିଲା।
ଆରେ ମୁଁ ଏତେ କଥା କହୁଛି,ତୁ କ'ଣ
ଶୋଇଛୁ ସୁମି ?
ଦରଜାରେ ହାତ ମାରୁ ମାରୁ ଦରଜା
ଖୋଲିଗଲା।
ସୁମି ଶୋଇଥିଲା ଚ଼ଟାଣ ଉପରେ।
ବାପା ନିର୍ବାକ୍ ହୋଇ ଦେଖୁଥିଲା ଝିଅ
ସୁମିକୁ ।

*ବାରିପଦା,ମୟୂରଭଞ୍ଜ*
*ମୋ: ୮୯୧୭୫୭୧୨୦୨*

# ମୋ ଓଡ଼ିଶା

## ଗର୍ଜିଲେ ଅଙ୍ଗନବାଡ଼ି କର୍ମୀ, ସହରରେ ପ୍ରତିବାଦ ଶୋଭାଯାତ୍ରା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦାବିପତ୍ର ପ୍ରଦାନ ଏବଂ ସମଗ୍ର ଭାରତର ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକାଙ୍କର ନ୍ୟାୟସଙ୍ଗତ ଦାବୀ



## ଦ୍ୱାରଶୁଣି ଘାଟରାସ୍ତାରେ ୫ ଅଣ୍ଡରପାସ ସହ ୧୪ ପ୍ରାଣୀ ଅଣ୍ଡରପାସ ନିର୍ମାଣ
## ରାସ୍ତା ପ୍ରଶସ୍ତିକରଣରେ ୨୦ ହଜାର ଗଛ ବଳି



## ସାଂସଦ ପ୍ରତିନିଧିଙ୍କ ମହାନତା, ନିଜ ଗାଡ଼ିରେ ଗୁରୁତର ଆହତ ମାନଙ୍କୁ ମେଡ଼ିକାଲ ପହଞ୍ଚାଇଲେ



## ଆଠ ଦଫା ଦାବି ନେଇ ପ୍ରଧାନ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି ମାଲକାନଗିରି ଜିଲ୍ଲାର ଅଲ ଓଡ଼ିଶା ଲେଡ଼ିସ ୱାର୍କରସ ଆସୋସିଏସନ୍



## ପୁଟୁପଡ଼ା ବିଦ୍ୟାଳୟରେ ପରିବେଶ ସ୍ୱଚ୍ଛତା ସୁରକ୍ଷା କାର୍ଯ୍ୟକ୍ରମ



## ଅସହାୟ ପରିବାରଙ୍କୁ ପ୍ରତିପୋଷଣ ପାଇଁ ଗୋ ଦାନ



## ପ୍ରାକ୍ତନ ପୋଲିସ ଅଧିକାରୀ ପ୍ରଦ୍ୟୁମ୍ନ ନନ୍ଦଙ୍କ ଶ୍ରଦ୍ଧାଞ୍ଜଳୀ ସଭା



## ୟୁରିଆର କଳାବଜାରି ରୋକିବା ପାଇଁ ପ୍ରଶାସନିକ ପଦକ୍ଷେପ



## ଗାଉସିଲେଟ ଠାରେ ବାଲ୍ୟ ବିବାହ ମୁକ୍ତ ଗ୍ରାମପଞ୍ଚାୟତ ପାଇଁ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ



## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




# ତାଳଚେର ଗଣେଶ ପୂଜା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଓ ଲଟେରୀ ଉଠାଣ

## ଚଳିତ ବର୍ଷ ନିଲାମ ହେବ ୪ ଟନ୍ ଓଜନର ଆଖ୍ୟାଲଡୁ : ଭସାଣୀ ଶୋଭାଯାତ୍ରାରେ ସାମିଲ ହେବେ ୩୫ ମେଢ଼



# ଲଗାଣ ବର୍ଷାରେ ବେହାଲ ତେଲକୋଇ

## ଫୁଲୁଛି ନଦୀ ନାଳ ଯୋଗାଯୋଗ ବିଚ୍ଛିନ୍ନ, ଜୀବନ ଯାତ୍ରା ପ୍ରଭାବିତ



## ଝୁଲନ୍ତା ମୃତ ଦେହ ଉଦ୍ଧାର

ଭୁବନେଶ୍ୱର,(ପିଏନ):

## ବିଜେଡିର ବନ୍ଧୁ ମିଳନ

ଭୁବନେଶ୍ୱର,(ପିଏନ):



# ସହର ରାସ୍ତା ପାଲଟିଛି ଗୁହାଳ : କ୍ଷତ, ବିକ୍ଷତ ଅବସ୍ଥାରେ ବୁଲୁଛନ୍ତି ଗୋରୁ !

## ଏମାନଙ୍କ ଆଶ୍ରୟ ସ୍ଥଳ ଏବଂ ସୁରକ୍ଷା ଦିଗରେ ହେଉଛି ଦାବି






**2025-2026**

**ADMISSION OPEN**

Maharishi Public School, Baripada

**STD-NURSERY TO VIII**

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


# ରୋଟାରି କ୍ଲବ ପକ୍ଷରୁ ଆକୁପ୍ରେସର ଚିକିତ୍ସା ଶିବିର



# ଅଞ୍ଚଳ ପ୍ରାଥମିକ ବିଦ୍ୟାଳୟର ଅଭାବନୀୟ ଘଟଣା , ନିଲମ୍ବିତ ହେଲେ ପ୍ରଧାନ ଶିକ୍ଷକ



୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

Bhubaneswar Sunday August 24 ଭୁବନେଶ୍ୱର ରବିବାର, ୨୪, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

# ପାରାଦୀପ ଇଫକୋ ପକ୍ଷରୁ ସାମୁହିକ ସଚେତନତା କାର୍ଯ୍ୟକ୍ରମ



ପାରାଦୀପ,(ପି.ଏନ): ଇଫକୋ ପାରାଦୀପ ୟୁନିଟ୍ ସର୍ବଦା ନିଜର କର୍ମଚ଼ାରୀ, ଠିକାଦାର ଶ୍ରମିକ ଏବଂ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଜନସାଧାରଣଙ୍କୁ ସଚେତନ ଏବଂ ଶିକ୍ଷିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଥାଏ। ଇଫକୋ ବିପର୍ଯ୍ୟୟ ପରିଚ଼ାଳନା, ସମ୍ବନ୍ଧୀୟ ବିପଦ ଏବଂ ବିଶେଷକରି ଜରୁରୀକାଳୀନ ସମୟରେ ସତର୍କତା ଯଥା ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଆମୋନିଆ ଗ୍ୟାସ୍ ଲିକେଜ୍ ବିଷୟରେ ସଚେତନତା କାର୍ଯ୍ୟକ୍ରମ ପରିଚ଼ାଳନା କରିଥିଲା। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଏବଂ ଜଗତସିଂହପୁରର କଲେକ୍ଟୋରେଟ ଠାରେ ଜିଲ୍ଲା ସଙ୍କଟ ଗୋଷ୍ଠୀ (ଡିସିଜି) ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଇଫକୋ ପାରାଦୀପ ୟୁନିଟ୍ ଦ୍ୱାରା ୨୨ ଅଗଷ୍ଟ, ୨୦୨୫ (ଶୁକ୍ରବାର) ଦିନ ୧୧.୦୦ ଟାରେ କୁଜଙ୍ଗ ବ୍ଲକର ଜଗତି ଗ୍ରାମ ଜଗନ୍ନାଥ ମନ୍ଦିର ପରିସରରେ ଆମୋନିଆ ଲିକେଜ୍ କ୍ଷେତ୍ରରେ ବିପର୍ଯ୍ୟୟ ପରିଚ଼ାଳନା, ଗୃହ ସୁରକ୍ଷା, ଅଗ୍ନି ନିରାପତ୍ତା ଏବଂ ସଡ଼କ ସୁରକ୍ଷା ସଚେତନତା ଉପରେ ଏକ ସାମୁହିକ ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ, କୃଷକ ସାଥୀ, ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡି ସଦସ୍ୟ ଏବଂ ଅନ୍ୟମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୩୦୦ ରୁ ଉର୍ଦ୍ଧ ଅଂଶଗ୍ରହଣକାରୀ ଅତ୍ୟନ୍ତ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଆମୋନିଆ ଲିକେଜ୍ ସମୟରେ କ'ଣ କରିବେ ଏବଂ କ'ଣ କରିବେ ନାହିଁ ତାହାର ଲିଫଲେଟ୍ ସେମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଗ୍ରାମବାସୀଙ୍କୁ ନିଜକୁ ଏବଂ ନିଜ ସାଥୀମାନଙ୍କୁ ସୁରକ୍ଷା ଦେବା ପାଇଁ ସଚେତନ କରିବା ପାଇଁ କରାଯାଇଥିଲା। ଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କୁଳମଣି ମାଝୀ, ଏମ.ଆର.ନାୟକ, ପି.ସି.ବିଶ୍ୱାଳ, ଆର.କେ.ରଞ୍ଜନ, ଏ.କେ.ଜେନା ଏବଂ ଜେ.କେ.ଜେନା ପ୍ରମୁଖ ଉପସ୍ଥିତ ଲୋକମାନଙ୍କୁ ଜରୁରୀକାଳୀନ ପରିସ୍ଥିତି ସମୟରେ ଗ୍ରହଣ କରିବାକୁ ଥିବା ସତର୍କତା ବିଷୟରେ ବୁଝାଇଥିଲେ ଏବଂ ବିଷାକ୍ତ ଗ୍ୟାସ ଲିକେଜ୍ ସମୟରେ କ'ଣ କରିବେ ଏବଂ କ'ଣ କରିବେ ନାହିଁ ସେ ବିଷୟରେ ଓଡ଼ିଆ ଭାଷାରେ ବିଭିନ୍ନ ଉପଦେଶ ପ୍ରଦାନ କରିଥିଲେ।

# ଟାଟା କ୍ୟାପିଟାଲର ସାମାଜିକ ଅଭିଯାନ ସାରା ଭାରତରେ ୧ ନିୟୁତରୁ ଅଧିକ ଜୀବନରେ ଆଣିଛି ସକାରାତ୍ମକ ପରିବର୍ତ୍ତନ



ଭୁବନେଶ୍ୱର,(ପି.ଏନ): ଟାଟା ଗ୍ରୁପର ଆର୍ଥିକ ଶାଖା ଟାଟା କ୍ୟାପିଟାଲର ସାମାଜିକ ପ୍ରଭାବ ଅଭିଯାନ ସାରା ଭାରତରେ ୧ ନିୟୁତରୁ ଅଧିକ ଲୋକଙ୍କ ପାଖରେ ପହଂଚିଛି। କମ୍ପାନି ପକ୍ଷରୁ ଜଳ ସଂରକ୍ଷଣ, ଅକ୍ଷୟ ଶକ୍ତି, ସ୍ୱାସ୍ଥ୍ୟସେବା ଓ ଶିକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। ଟାଟା କ୍ୟାପିଟାଲ ପକ୍ଷରୁ ୨୦୨୪-୨୫ ବାର୍ଷିକ ରିପୋର୍ଟରେ ଏକ 'ଭାରତର ଅଭିଳାଷ ପୂରଣ କରୁଥିବା ଏକ ଦାୟିତ୍ୱବାନ ଆର୍ଥିକ ସହଯୋଗୀ' ଭାବେ ଉଦ୍ଦେଶ୍ୟ ଆଧାରିତ ଦର୍ଶନ ଉପରେ ଆଲୋକପାତ କରାଯାଇଛି। ଟାଟା ଗ୍ରୁପର ମୂଲ୍ୟବୋଧ ବଜାୟ ରଖି କମ୍ପାନି ଏହାର ସାମାଜିକ ଓ ପରିବେଶଜନିତ ପ୍ରାଥମିକତାକୁ ଏହାର ମୂଳ ବ୍ୟବସାୟ ରଣନୀତି ସହ ସମନ୍ୱିତ କରିଥିବା ବାର୍ଷିକ ରିପୋର୍ଟରେ ଦର୍ଶାଇଛି। ଜଳ ସଂରକ୍ଷଣରେ କମ୍ପାନିର ପ୍ରମୁଖ ଅଭିଯାନ ଜଳଆଧାର ମହାରାଷ୍ଟ୍ର, ରାଜସ୍ଥାନ ଓ ତାମିଲନାଡୁର ୨୦୦ରୁ ଅଧିକ ଗ୍ରାମରେ ୨୫୦୦ ନିୟୁତ ଲିଟରରୁ ଅଧିକ ଜଳ ଅମଳ କ୍ଷମତା ସୃଷ୍ଟି କରିଛି। ଏହା ୭୯୦ ଜଳାଶୟ ପରିଷ୍କାର କରିଛି ଯାହା ୫,୪୦,୦୦୦ ଲୋକଙ୍କୁ ପ୍ରଭାବିତ କରିପାରିଛି ଏବଂ ହାରାହାରି ଭାବେ ଭୂତଳ ଜଳସ୍ତରକୁ ୫.୫ ମିଟର ବୃଦ୍ଧି କରିଛି ଏବଂ ଚାଷୀଙ୍କ ଚାଷ ୩୦,୦୦୦ ଟଙ୍କା ବଢ଼ାଇଛି।ଗ୍ରିନ ସ୍ୱିଚ୍ ଅଭିଯାନରେ ସ୍ୱଚ୍ଛ ଶକ୍ତି ଉପରେ ଗୁରୁତ୍ୱାରୋପ କରି ୧୯ଟି ପଡ଼ାରେ ସୌର ଶକ୍ତି ଉପଲବ୍ଧ କରାଯାଇଛି ଯାହା ଦ୍ୱାରା ୭୫୦୦ ଲୋକଙ୍କ ପାଖରେ ଏବଂ ୧୨୦୦ରୁ ଅଧିକ ଘରେ ବିଦ୍ୟୁତ ଶକ୍ତି ପହଂଚିପାରିଛି। ସମୁଦାୟ ଏହା ୯୯ଟି ପଡ଼ା ବିଦ୍ୟୁତକରଣ କରିଥିବା ବେଳେ ୨୦,୦୦୦ରୁ ଅଧିକ ହିତାଧିକାରୀ ଉପକୃତ ହୋଇପାରିଛନ୍ତି ଯାହା ଉଦ୍ୟୋଗୀମାନଙ୍କ ବାର୍ଷିକ ହାରାହାରି ଆୟ ୪୦,୦୦୦ ଟଙ୍କାବଢ଼ାଇପାରିଛି। ଆରୋଗ୍ୟତାରା ଅଭିଯାନରେ ଆରୋଗ୍ୟଯୋଗ୍ୟ ଅସୁସ୍ଥତା ଦୂର କରିବା ଉପରେ ଧ୍ୟାନ ଦିଆଯାଉଛି। ଏହି ବର୍ଷରେ ୬୧୦,୦୦୦ ଲୋକଙ୍କ ସ୍କ୍ରିନିଂ କରାଯାଇଥିବା ବେଳେ ଅସ୍ତ୍ରୋପଚାର ଜରିଆରେ ୪୪,୦୦୦ରୁ ଅଧିକ ଲୋକଙ୍କ ଦୃଷ୍ଟି ଶକ୍ତି ସ୍ୱାଭାବିକ ହୋଇପାରିଛି। ସେହିପରି, ପଙ୍ଖ ଶିକ୍ଷାବୃତି କାର୍ଯ୍ୟକ୍ରମରେ ଶିକ୍ଷାଗତ ସଶକ୍ତୀକରଣ ଉପରେ ଧ୍ୟାନ ଦିଆଯାଇଛି। ୨୦୨୪-୨୫ରେ ୧୨,୦୦୦ରୁ ଅଧିକ ଯୁବକଯୁବତୀ ଗୁଣାତ୍ମକ ଶିକ୍ଷା ପାଇପାରିଛନ୍ତି ଏବଂ ସାମଗ୍ରିକ ଭାବେ ଏହା ୨୫,୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ନିକଟରେ ପହଂଚିପାରିଛି।

# ଭୁଲିଆ ସମାଜ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ଗୋଲାମୁଣ୍ଡା (ପି ଏନ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଲିମସେର ଖେଳପଡିଆ ଠାରେ ଲିମସେର ଗ୍ରାମ୍ୟ ମେହେର ( ଭୁଲିଆ ) ଯୁବା ମଞ୍ଚ ଆନୁକୁଲ୍ୟରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ ଜିଲ୍ଲା ଯୁବ ମଞ୍ଚ ସଭାପତି ଗୋପାଳ ଚ଼ନ୍ଦ୍ର ମେହେରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଲିମସେର ସମାଜ ସଭାପତି ଅତୁଲ୍ୟ ମେହେର, ବରିଷ୍ଠ ସଦସ୍ୟ ଲକ୍ଷ୍ମଣ ମେହେର, ବରିଷ୍ଠ ସଦଶ୍ୟା ସରୋଜିନୀ ମେହେର , ଲିମସେର ଯୁବା ମଞ୍ଚର ସକ୍ରିୟ ସଦସ୍ୟ ଭିଷ୍ମରଥି ମେହେର, ସୁବାସ ମେହେର, ଅମିତ୍ ମେହେର, ରବି ମେହେର, ନୃପରାଜ୍ ମେହେର, ପ୍ରେମ୍ ଲାଲ୍ ମେହେର, ଭାଗିରଥି ମେହେର, ଅରକ୍ଷିତ ମେହେର, ସୁନିଲ ମେହେର, ବିଘ୍ନରାଜ ମେହେର ତଥା ଯୁବା ମଞ୍ଚର ଅନ୍ୟ ସଦସ୍ୟ ମାନେ ବୃକ୍ଷ ରୋପଣ କାର୍ଯ୍ୟ କ୍ରମରେ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଆଗାମୀ ଦିନରେ ଯୁବା ମଞ୍ଚ ତରଫରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଯୁବାମଞ୍ଚ ସଭାପତି ଗୋପାଳ ଚ଼ନ୍ଦ୍ର ମେହେର ମତବ୍ୟକ୍ତ କରିଥିଲେ ।

# ୟୁଟ୍ୟୁବ ବ୍ୟାନ ପରେ 'ବିଗେଷ୍ଟ କେସ ଷ୍ଟଡି ଅନ୍ ଆର୍ଥ' ଚର୍ଚ୍ଚାରେ

ଭୁବନେଶ୍ୱର,(ପି.ଏନ) : ସେଭ ଆର୍ଥ ମିଶନର ପ୍ରତିଷ୍ଠାତା ଶ୍ରୀ ସନ୍ଦୀପ ଚୌଧୁରୀଙ୍କ ଭିଡିଓ ଶୃଙ୍ଖଳ 'ବିଗେଷ୍ଟ କେସ ଷ୍ଟଡି ଅନ୍ ଆର୍ଥ' ବ୍ୟାନ ହେବା ପରେ ସେ ଏହାକୁ ନେଇ ସେ ଆମେରାକିର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପାକିସ୍ତାନ ସେନା ମୁଖ୍ୟଙ୍କୁ ପ୍ରମୁଖ ଦାୟୀ କରିଛନ୍ତି । ତାଙ୍କ ଭିଡିଓ ଶୃଙ୍ଖଳ 'ବିଗେଷ୍ଟ କେସ ଷ୍ଟଡି ଅନ୍ ଆର୍ଥ' ୩୦୦ ରୁ ଉର୍ଦ୍ଧ୍ୱ ୟୁଟ୍ୟୁବ ଚ୍ୟାନେଲରେ ପ୍ରସାରିତ ହୋଇଥିବା ବେଳେ ୟୁଟ୍ୟୁବ କଂଟେଂଟ ପଲିସି ଉଲଂଘନ ଅବଂ ୱାୟରଲେସ ଡାଟାର ଦ୍ୱାହି ଦେଇ ଏହି କେସ ଷ୍ଟଡିକୁ ନିଜ ପ୍ଲାଟଫର୍ମରୁ ହଟାଇ ଦେଇଛି, ଯାହା ପରିଣାମ ସ୍ୱରୂପ ଅନେକ ଦେଶରେ ତାହା ବ୍ୟାନ ମଧ୍ୟ ହୋଇଯାଇଛି । ଅନେକ ଦେଶ ସନ୍ଦୀପଙ୍କ ଭିଡିଓ ଶୃଙ୍ଖଳକୁ 'ସମ୍ବେଦନଶୀଳ ଏବଂ ଗୋପନୀୟ ସୂଚନାର ସାର୍ବଜନୀନ ପ୍ରସାରଣ' ଭାବେ କହିଛନ୍ତି । ଏହି ପ୍ରତିବନ୍ଧକକୁ ସମାଲୋଚନା କରି ସେଭ ଆର୍ଥ ମିଶନର ପ୍ରତିଷ୍ଠାତା ଶ୍ରୀ ସନ୍ଦୀପ ଚୌଧୁରୀ କହିଛନ୍ତି ଯେ, 'ମୁଁ ହାର ମାନିବା ଲୋକ ନୁହେଁ। ୟୁଟ୍ୟୁବ କିମ୍ବା କୌଣସି ଶକ୍ତି ମତେ ଅଟକାଇ ପାରିବେ ନାହିଁ। ପୃଥିବୀର ସତ୍ୟ ଏବଂ ବିଶ୍ୱବ୍ୟାପୀ ଚକ୍ରା'ର ସତ୍ୟତା ମୁଁ ଭାରତ ଓ ସମଗ୍ର ଦୁନିଆର ଲୋକଲୋଚନକୁ ନିଶ୍ଚୟ ଆଣିବି ।' ପ୍ରକାଶ ଥାଉକି, ସନ୍ଦୀପ ଚୌଧୁରୀ ପରିବେଶ ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନ ସମସ୍ୟା ଓ ପ୍ରସଙ୍ଗ ଉପରେ ସମର୍ପିତ। ସେହି କ୍ରମରେ ସେ 'ସେଭ ଆର୍ଥ ମିଶନର ସ୍ଥାପନା କରିଛନ୍ତି ଯାହା ବର୍ଷ ୨୦୪୦ ସୁଦ୍ଧା ୩୦ ଅରବ ବୃକ୍ଷରୋପଣ କରିବାର ଲକ୍ଷ୍ୟ ରଖିଛି ।'

# ଆଇପିଟି ଡ୍ରାଇଭରଙ୍କ ମୌଳିକ ସମସ୍ୟାକୁ ନେଇ ୟୁନିଅନ, ଷ୍ଟିଭେଡୋର୍ସ ଓ ଡ୍ରମ୍ପର ମାଲିକ ସଙ୍ଘ ମଧ୍ୟରେ ଆଲୋଚ଼ନା ସଫଳ



ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ଭିତରେ ଡମ୍ପର ଚ଼ଳାଉଥିବା ଡ୍ରାଇଭର ମାନେ ଗତ ଫେବୃଆରୀ ମାସରେ ବାପି ସରଖେଲ ଓ ଅନ୍ୟ ଏକ ସଙ୍ଘ ଛାଡି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ନେତୃତ୍ୱାଧୀନ ପାରାଦୀପ ପୋର୍ଟ ମଜଦୁର ସଂଘର ସଦସ୍ୟତା ଗ୍ରହଣ କରିଥିଲେ କ୍ଷ ସଙ୍ଘ ପକ୍ଷରୁ ଡ୍ରାଇଭର ଙ୍କର ମୁଖ୍ୟତଃ ତିନୋଟି ମୌଳିକ ଦାବୀ କୁ ନେଇ ଡମ୍ପର ମାଲିକ ସଙ୍ଘ, ଷ୍ଟିଭେଡୋର୍ସ ଆସୋସିଏସନ, ବନ୍ଦର ଅଧକ୍ଷ ଓ ସ୍ଥାନୀୟ ପ୍ରଶାସନ ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା କ୍ଷ ତେବେ ଏବାବଦରେ ଗତ ଗୁରୁବାର ଦିନ ହୋଟେଲ ଏମ୍ପାୟାର୍ସ ରେ ଷ୍ଟିଭେଡୋର୍ସ ଆସୋସିଏସନ ସଭାପତି ମହିମାନନ୍ଦ ମିଶ୍ର ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପାରାଦୀପ ପୋର୍ଟ ମଜଦୁର ସଙ୍ଘ ସଭାପତି ପ୍ରକାଶ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା, ସାଧାରଣ ସମ୍ପାଦକ ପରେଶ ମୁର୍ମୁ, ଉପଦେଷ୍ଟା ସର୍ବ ?ଶ୍ୱର ବଳିୟାରସିଂହ, ଯୁଗ୍ମ ସମ୍ପାଦକ ଅନ୍ତର୍ଯ୍ୟାମୀ ବାରିକ, ଡମ୍ପର ମାଲିକ ସଙ୍ଘ ସଭାପତି ବିଜୟ ନାୟକ ଓ ଷ୍ଟିଭେଡୋର୍ସ ସଂଘର ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ଆନ୍ତଃ ବନ୍ଦର ପରିବହନ (ଆଇପିଟି) କାର୍ଯ୍ୟରେ ନିୟୋଜିତ ଡ୍ରମ୍ପର ଡ୍ରାଇଭର ଙ୍କ ତିନୋଟି ମୂଖ୍ୟ ମୌଳିକ ସମସ୍ୟା ବିଷୟରେ ଆଲୋଚ଼ନା କରିଥିଲେ କ୍ଷ ଷ୍ଟିଭେଡୋର୍ସ ଓ ଡମ୍ପର ମାଲିକ ସଙ୍ଘ ଡ୍ରାଇଭର ଙ୍କ ଦୁଇଟି ଦାବିକୁ ମାନିନେଇଥିଲେ କ୍ଷ ପ୍ରତ୍ୟକ ମାସର ୧ କ୍ଷ ରୁ ୧୫ ତାରିଖ ମଧ୍ୟରେ ନିୟମିତ ଦରମା ସହ ଏହାକୁ ବ୍ୟାଙ୍କ ଖାତା ଦ୍ୱାରା ପ୍ରଦାନ କରିବା ଏବଂ ସମସ୍ତ ସୁରକ୍ଷା ସାମଗ୍ରୀ ଦେବାକୁ ମାନି ନେଇଥିଲେ କ୍ଷ ତେବେ ପିଏଫ ଓ ଇଏସଆଇ ସହିତ ଡ୍ରାଇଭର ଙ୍କ ଦରମା ବୃଦ୍ଧି ସଂକ୍ରାନ୍ତରେ ଆସନ୍ତା ଅକ୍ଟୋବର ୨୧ ତାରିଖ ଦିନ ପୁଣି ଏକ ବୈଠକ ବସି ନିଷ୍ପତି ନିଆଯିବ ବୋଲି ମହିମାନନ୍ଦ ମିଶ୍ର ଘୋଷଣା କରିଥିଲେ କ୍ଷ ଏବାବଦରେ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ କହିଛନ୍ତି ଯେ ଡ୍ରାଇଭର ମାନେ ସଠିକ ଭାବରେ ଶୃଙ୍ଖଳିତ ହୋଇ ୮ ଘଣ୍ଟା କାର୍ଯ୍ୟ କରିବେ ଏବଂ ଡ୍ରମ୍ପର ମାଲିକ ସଙ୍ଘ ଡ୍ରାଇଭର ଙ୍କ ଦାବୀ କୁ ନିଶ୍ଚିତ ଗ୍ରହଣ କରିବେ ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray